To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-16, Issue No.43, ଭଦ୍ରକ, ବୁଧବାର, ୮, ଅଗଷ୍ଟ ୨୦୧୮ ■ Bhadrak, Wednesday, 8 August 2018 Rs. 2.00 Pages-8

**କରୁଣାନିଧିଙ୍କ ଜୀବନ ଦୁଃଖୀ ଓ ଗରିବଙ୍କ ପାଇଁ ସମର୍ପିତ ଥିଲା : ମୋଦି**



# କରୁଣାରେ ଭସାଇଗଲେ

## ଅନ୍ତିମ ସଂସ୍କାରକୁ ନେଇ ହଙ୍ଗାମା



- ତାମିଲନାଡୁରେ ଶୋକର ଲହରୀ
- ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ଶୋକବ୍ୟକ୍ତ
- ଚେନ୍ନାଇରେ ଆଜି ହେବ ଅନ୍ତିମ ସଂସ୍କାର
- ଅନ୍ତ୍ୟେଷ୍ଟିକ୍ରିୟାରେ ଯୋଗଦେବେ ଶଶୀ, ଦେବୀ
- ୫ଥର ଥିଲେ ମୁଖ୍ୟମନ୍ତ୍ରୀ



ଚେନ୍ନାଇ, ୭।୮ : କରୁଣାରେ ଭସାଇଦେଇ ଆରପାରିକୁ ଚାଲିଗଲେ ଦକ୍ଷିଣ ଭାରତୀୟ ରାଜନୀତିର ଭୀଷ୍ମ ପିତାମହ । ଡିଏମକେ ସୁପ୍ରିମୋ ଏମ୍.କରୁଣାନିଧିଙ୍କର ଆଜି ୯୪ ବର୍ଷ ବୟସରେ ପରଲୋକ ଘଟିଛି । ମଙ୍ଗଳବାର ସନ୍ଧ୍ୟାରେ ଚେନାଇର କାବେରୀ ହସ୍ପିଟାଲରେ ଦେହାନ୍ତ ହୋଇଛି । କିଛି ଦିନ ହେଲା ତାଙ୍କ ସ୍ୱାସ୍ଥ୍ୟବସ୍ଥା ଗମ୍ଭୀର ହୋଇପଡିଥିଲା । କରୁଣାନିଧିଙ୍କ ମୃତ୍ୟୁର ଖବର ମିଳିବା ମାତ୍ରେ ତାମିଲନାଡୁରେ ଶୋକର ଲହରି ଖେଳି ଯାଇଛି । ସନ୍ଧ୍ୟା ୬.୧୦ ମିନିଟରେ ସେଶେଷ ନିଶ୍ୱାସ ତ୍ୟାଗ କଲେ । କରୁଣାନିଧି ଚାଲି ଯିବା ମାତ୍ରେ ହିଁ ତାମିଲନାଡୁର ରାଜନୀତିର ଏକ ବଡ ଯୁଗର ଅନ୍ତ ଘଟିଛି । ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ସମେତ ଦେଶର ତମାମ ରାଜନେତାମାନେ କରୁଣାନିଧିଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି (ପୃଷ୍ଠା-୭)

### ଏକ ଯୁଗର ଅନ୍ତ ଘଟିଲା : ନବୀନ

ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଏମ. କରୁଣାନିଧିଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଶ୍ରୀ ପଟ୍ଟନାୟକ ତାଙ୍କର ଶୋକ ବାର୍ତାରେ ସ୍ୱର୍ଗୀୟ କରୁଣାନିଧିଙ୍କୁ ତାମିଲନାଡୁର ସବୁଠାରୁ ବଡ ନେତା ବୋଲି (ପୃଷ୍ଠା-୭)

# ଜଳବନ୍ଦୀରେ ଜଗା



- ଜଗମୋହନରୁ ଗଳୁଛି ପାଣି
- ବଡ଼ଦାଣ୍ଡରେ ଆଣ୍ଠୁଏ ପାଣି
- ଧସିଲା ନଦୀବନ୍ଧ, ଭୟରେ ଗ୍ରାମବାସୀ
- ବିଭିନ୍ନ ନଦୀର ଜଳପତ୍ତନ ବୃଦ୍ଧି

ପୁରୀ/ଭୁବନେଶ୍ୱର ୭।୮(ସକାଳଖବର): ଲଗାଣ ବର୍ଷା ଯୋଗୁଁ ଜଳବନ୍ଦୀରେ ରହିଯାଇଛି ଜଗା । ଶ୍ରୀମନ୍ଦିରର ଜଗମୋହନରୁ ପାଣି ଗଳୁଛି । ଅଣସର ପିଣ୍ଡିରେ ବର୍ଷାଜଳ ପଡୁଥିବା ସେବାୟତ ମାନେ ଅଭିଯୋଗ କରିଛନ୍ତି । ଲଗାଣ ବର୍ଷାରେ ଜଗମୋହନରୁ ରାତିତମାମ ପାଣି ଝରି ଚାନ୍ଦୁଆ ଭିଜି ଯାଇଥିବା ସେମାନେ ଦର୍ଶାଇଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଜଗମୋହନ କାମ ଶେଷ ନେଇ ପୂର୍ବରୁ ହାଇକୋର୍ଟଙ୍କ ନିକଟରେ ପ୍ରତ୍ନତତ୍ୱ ବିଭାଗ (ଏଏସଆଇ) ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଥିଲା । କିନ୍ତୁ ଏବେ ଜଗମୋହନରୁ ପାଣି ଗଳିବା ଘଟଣା ସାମ୍ନାକୁ ଆସିବା ପରେ ବିଭାଗର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ଏହି ଖବର କୋଟି ଜଗନ୍ନାଥପ୍ରେମୀଙ୍କୁ ବ୍ୟଥିତ କରିଛି ।

ଲଘୁଚାପଜନିତ ଲଗାଣ ବର୍ଷାରେ ପୁରୀ ସହରର ଅବସ୍ଥା ବେହାଲ୍ ହୋଇପଡୁଛି । ବଡ଼ଦାଣ୍ଡର ଅଧିକାଂଶ ସ୍ଥାନରେ ଆଣ୍ଠୁଏ ଉଚ୍ଚତାରେ ପାଣି ଜମିଛି । ଗୁଣ୍ଡିଚା ମନ୍ଦିର, ମେଡିକାଲ ଛକ ଓ ଆଖପାଖ ସାହିରେ ପାଣି ପଶିଛି । ପୁରୀ ଜିଲ୍ଲା ପ୍ରଶାସନର ରେକର୍ଡ଼ ରୁମ୍ ରେ ପାଣି ପଶିଛି । ତେବେ ଏଥିରେ କାଗଜପତ୍ର କୌଣସି ନଷ୍ଟ ହୋଇନଥିବା ଅଧିକାରୀଙ୍କ ସୂତ୍ରରୁ ସୂଚନା ମିଳିଛି । ଇନ୍ଦ୍ରଦ୍ୟୁମ୍ନ ପୁଷ୍କରିଣୀର ଉଭୟ ପାର୍ଶ୍ୱରେ ପ୍ରାୟ ୧୦୦ ମିଟରରୁ (ପୃଷ୍ଠା-୭)

## ସୁପ୍ରିମକୋର୍ଟର ବିଚାରପତି ଭାବେ ବିନିତ ସରଣ ନେଲେ ଶପଥ

ନୂଆଦିଲ୍ଲୀ/ଭୁବନେଶ୍ୱର, ୭।୮: ସୁପ୍ରିମକୋର୍ଟର ଜଜ୍ ଭାବେ ପଦୋନ୍ନତି ପାଇଥିବା ଓଡ଼ିଶା ହାଇକୋର୍ଟର ପ୍ରଧାନ ବିଚାରପତି ବିନିତ ସରଣ ଆଜି ଶପଥ ନେବା ସହ ନିଜର ଦାୟିତ୍ୱ ଗ୍ରହଣ କରିଛନ୍ତି। ତାଙ୍କ ସ୍ଥାନରେ ହାଇକୋର୍ଟର ବରିଷ୍ଠ ବିଚାରପତି ଶ୍ରୀ ଇନ୍ଦ୍ରଜିତ ମହାନ୍ତି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ସୂଚନାଯୋଗ୍ୟ ଯେ, ରାଜସ୍ଥାନ ହାଇକୋର୍ଟର ବିଚାରପତି କେ.ଏସ୍. ଜାଭେରୀ ଓଡ଼ିଶା ହାଇକୋର୍ଟର ସ୍ଥାୟୀ ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ପାଇଛନ୍ତି। ସେ ଦାୟିତ୍ୱ ଗ୍ରହଣ କରିବା ପର୍ଯ୍ୟନ୍ତ ଶ୍ରୀ ମହାନ୍ତି ଅତିରିକ୍ତ ଦାୟିତ୍ୱ ତୁଲାଇବେ।

# ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନ
# ଆଜି ନବୀନଙ୍କ ଚୂଡ଼ାନ୍ତ ନିଷ୍ପତ୍ତି



ନୀତିଶଙ୍କ ସହ ସାକ୍ଷାତ ଆଲୋଚନା

### ଅମିତ୍, ରାଜନାଥ ଓ ଶରଦଙ୍କ ସହ ଫୋନ୍‌ରେ କଥାହେଲେ

ଭୁବନେଶ୍ୱର, ୭।୮(ସକାଳଖବର): ଆସନ୍ତା ୯ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ରାଜ୍ୟସଭା ଉପାଧ୍ୟକ୍ଷ ପଦବୀ ନିର୍ବାଚନ ପ୍ରସଙ୍ଗ ନେଇ ବିହାରର ମୁଖ୍ୟମନ୍ତ୍ରୀ ଶ୍ରୀ ନୀତିଶ କୁମାର ଓଡିଶା ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ସହିତ ଆଲୋଚନା କରିଛନ୍ତି। ଆଲୋଚନା କାଳରେ ନୀତିଶ କୁମାର ଏହି ପଦବୀ ପାଇଁ ପ୍ରାର୍ଥୀ ହୋଇଥିବା ଜେଡିୟୁର ସାଂସଦ ହରିବଂଶ ନାରାୟଣ ସିଂହଙ୍କୁ ସମର୍ଥନ ଦେବା ପାଇଁ ଶ୍ରୀ ପଟ୍ଟନାୟକଙ୍କୁ ଅନୁରୋଧ କରିଥିଲେ। ଶ୍ରୀ ସିଂହ ଏନଡିଏ ପକ୍ଷରୁ ପାର୍ଥୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ସମର୍ଥନ କରିବା ବା ନକରିବା ନେଇ କୌଣସି ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ଦେଇନାହାନ୍ତି। ତେବେ ରାଜ୍ୟସଭା ଉପାଧ୍ୟକ୍ଷ ନିର୍ବାଚନରେ ବିଜୁ ଜନତା ଦଳ କାହାକୁ ସମର୍ଥନ କରିବ ବା ନକରିବ ସେ ନିଷ୍ପତି ଦଳର ସଭାପତି ଶ୍ରୀ ନବୀନ ପଟ୍ଟନାୟକ ନେବେ। ଆସନ୍ତାକାଲି (ପୃଷ୍ଠା-୭)

# ସେନା-ଆତଙ୍କୀ ଗୁଳିବର୍ଷଣ

## ୪ ଆତଙ୍କବାଦୀ ନିହତ

## ୪ ଯବାନ ସହିଦ



ନୂଆଦିଲ୍ଲୀ, : ପଡୋଶୀ ଦେଶ ପାକିସ୍ତାନ ପୁଣି ଥରେ ଅସ୍ତ୍ରବିରତି ଉଲ୍ଲଘଂନ କରିଛି । ପାକିସ୍ତାନ ସୋମବାର ବିଳମ୍ବିତ ରାତିରେ ଉତ୍ତର କାଶ୍ମୀର ବାଁଦିପୋରାର ଗୁରେଜ୍ ସେକ୍ଟରରେ ଗୁଳି ବର୍ଷଣ କରିଥିଲା । ପାକିସ୍ଥାନର ଏହି ଆକ୍ରମଣରେ ଜଣେ ମେଜରଙ୍କ ସମେତ ୪ ଜଣ ଭାରତୀୟ ଯବାନ ଶହୀଦ ହୋଇଯାଇଛନ୍ତି । ଏହାର ଜବାବରେ ଭାରତୀୟ ସେନାମାନେ ମଧ୍ୟ ୪ ଜଣ ଆତଙ୍କବାଦୀଙ୍କୁ ମାରିଥିବା ସୂଚନା ମିଳିଛି । ସୂଚନା ଅନୁଯାୟୀ, ରାତିରେ ବହୁତ ସମୟ ପର୍ଯ୍ୟନ୍ତ ଅନେକ ଆତଙ୍କବାଦୀ ସୀମାରେ ଗୁପ୍ତ ପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ । ସୂଚନା ମିଳିବା ମାତ୍ରେ ସୁରକ୍ଷାକର୍ମୀମାନେ ତତକ୍ଷଣାତ୍ ସର୍ଚ୍ଚ ଅପରେସନ କରିଥିଲେ । ସେହି ସମୟରେ ସୁରକ୍ଷାକର୍ମୀ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ଆରମ୍ଭ ହୋଇଥିଲା । ଫଳରେ ପାକିସ୍ତାନ ଗୁଳିରେ ୪ ଜଣ ଭାରତୀୟ ଯବାନ୍‌ (ପୃଷ୍ଠା-୭)

## ଆଜି ମୁମ୍ବାଇରେ ନବୀନଙ୍କ ରୋଡ୍ ଶୋ

ଭୁବନେଶ୍ୱର, ୭।୮(ସକାଳଖବର): ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର ମୁମ୍ବାଇ ଗସ୍ତ କରିଛନ୍ତି । ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ମୁମ୍ବାଇ ଠାରେ ଅନୁଷ୍ଠିତ ହେବାକୁ ଥିବା ମେକ୍ ଇନ୍ ଓଡିଶା କାର୍ଯ୍ୟକ୍ରମରେ ଯୋଗ ଦେବେ। ମୁମ୍ବାଇ ସ୍ଥିତ ତାଜ୍ ହୋଟେଲରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଦେଶ ବିଦେଶର ବଡ ବଡ କମ୍ପାନୀ ମାନଙ୍କ ସହ ଓଡିଶାରେ ପୁଂଜି ନିବେଶ କରିବା ନେଇ ଆଲୋଚନା କରିବେ। ଏହି ଅବସରରେ ଅୟୋଜିତ ହେବାକୁ ଥିବା ରୋଡ ଶୋରେ ମଧ୍ୟ ମୁଖ୍ୟମନ୍ତ୍ରୀ ଯୋଗ ଦେବେ।



କାହାପ୍ରତି ଈର୍ଷା, ଦ୍ୱେଷ ଏବଂ ପ୍ରତିଶୋଧ ଭାବ ରଖନ୍ତୁ ନାହିଁ । ଭଗବାନ ସ୍ୱୟଂ ତୁମକୁ ରକ୍ଷା କରିବେ ।



ହୁଣ୍ଡିର ଆୟ (୬.୮.୧୮)
୨,୧୭,୮୫୭

# ବିଶ୍ୱକୁ ଆମେରିକାର ଧମକ

## ଇରାନ୍ ସହ ଆର୍ଥିକ କାରବାର ବନ୍ଦ କର : ଟ୍ରମ୍ପ



ୱାଶିଂଟନ୍, ୭।୮:ଇରାନ ଉପରେ ପୁଣିଥରେ ଆମେରିକା ଲଗାଇଥିବା ଆର୍ଥିକ କଟକଣା ପରେ ସମଗ୍ର ବିଶ୍ୱ ଏକପ୍ରକାର ଚାପରେ ରହିଛି । ଏପରିକି ଅନ୍ୟଦେଶମାନଙ୍କୁ ଆମେରିକା ପରୋକ୍ଷରେ ଚେତାଇ ଦେଇଛି କି ସେମାନେ ଯଥାଶୀଘ୍ର ଇରାନ୍ ଠାରୁ ସମସ୍ତ ବାଣିଜ୍ୟିକ କାରବାର ବନ୍ଦ କରିଦିଅନ୍ତୁ । ଟ୍ୱିଟ୍ କରି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦର୍ଶାଇଛନ୍ତି କି ଇରାନ୍ ଉପରେ ଏବେ ବିଧିବଦ୍ଧ ଭାବେ ଆର୍ଥିକ ପ୍ରତିବନ୍ଧକ ଲଗାଯାଇଛି । କୁହାଯାଉଛି ଏ ପର୍ଯ୍ୟନ୍ତ ଏହା ଦୁନିଆର ସବୁଠାରୁ କଠୋର ଆର୍ଥିକ କଟକଣା ।

### ଚିନ୍ତା ବଢ଼ିଲା ଭାରତର

ଆସନ୍ତା ନଭେମ୍ବର ବେଳକୁ ଏହି କଟକଣାକୁ ଆହୁରି ଜୋର୍‌ଦାର କରାଯିବ । ଯେଉଁ ଦେଶ ଇରାନ୍ ସହ ନିଜର ବାଣିଜ୍ୟିକ କାରବାର ଜାରି ରଖିବ ସେ ଆମେରିକା ସହ ନିଜର ଆର୍ଥିକ ସମ୍ପର୍କକୁ ଏକପ୍ରକାର ଭୁଲିଯିବ । ବିଶ୍ୱର ଶାନ୍ତି ପ୍ରତିଷ୍ଠା ପାଇଁ ମୁଁ ଏଭଳି ପଦକ୍ଷେପ ନେଇଛି ବୋଲି ଟ୍ରମ୍ପ ଟ୍ୱିଟରରେ କହିଛନ୍ତି । ଏଠାରେ ସୂଚନାଯୋଗ୍ୟ ଯେ ପୂର୍ବର ଆମେରିକା ରାଷ୍ଟ୍ରପତି ବାରାକ୍ ଓବାମା ୨୦୧୫ ମସିହାରେ ଇରାନ୍ ସହ ପରମାଣୁ କାର୍ଯ୍ୟକ୍ରମ ନେଇ ବହୁ ଚୁକ୍ତି କରିଥିଲେ । ଯେଉଁଥିରେ ଇରାନ୍ ନିଜର ପରମାଣୁ କାର୍ଯ୍ୟକ୍ରମ ସୀମିତ କରିପାରିବ । ତେବେ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ଏହି ବୁଝାମଣାକୁ ରଦ୍ଦ କରିବା ଏକପ୍ରକାର ସ୍ପଷ୍ଟ ହୋଇଯାଇଥିଲା । କାରଣ ଆମେରିକା ନିର୍ବାଚନ ପୂର୍ବରୁ ଟ୍ରମ୍ପ ଏହି ବୁଝାମଣାକୁ କଡ଼ା ସମାଲୋଚନା କରିଥିଲେ । ସେତେବେଳେ ଓବାମାଙ୍କ ସହ ଇରାନ୍‌ର ଏଭଳି ବୁଝାମଣାକୁ ଇସ୍ରାଏଲ୍ ଓ ସାଉଦିଆରବ ଭଳି ଦେଶ ବି ବିରୋଧ କରିଥିଲେ । ତେଣୁ କ୍ଷମତାସୀନ ହେବା ପରେ ଟ୍ରମ୍ପ ଏହି ବୁଝାମଣାକୁ ତୁରନ୍ତ ରଦ୍ଦ କରିବା ସହ ଇରାନ୍ ଉପରେ ଆର୍ଥିକ ପ୍ରତିବନ୍ଧକ ଲଗାଇଥିଲେ । ପରନ୍ତୁ ୟୁରୋପୀୟ ସଂଘ ଟ୍ରମ୍ପଙ୍କ ଏହି ନିଷ୍ପତ୍ତିରେ ସହମତ ନଥିଲେ । କିନ୍ତୁ ଟ୍ରମ୍ପ ନିଜର ଜିଦ୍‌ରେ ଅଟଳ ଥିଲେ । ଅନ୍ୟପକ୍ଷରେ ଇରାନ୍ ରାଷ୍ଟ୍ରପତି ହସନ ରୁହାନି ଆମେରିକାର ଏଭଳି ଆର୍ଥିକ କଟକଣାକୁ କଡ଼ା ସମାଲୋଚନା କରିଛନ୍ତି । ସେ ଦେଶବାସୀଙ୍କୁ ସମ୍ବୋଧନ କରି କହିଛନ୍ତି ଯେ ଆମେରିକା ଆମକୁ ଏକପ୍ରକାର ମାନସିକ ଚାପରେ ରଖିବା ପାଇଁ ଏଭଳି କରିଛି ଓ ଇରାନ୍‌କୁ ଭାଗ ଭାଗ କରିବା ପାଇଁ ଟ୍ରମ୍ପଙ୍କ ଏହା ଏକ ସୁଚିନ୍ତିତ ଚାଲ୍ ଅଟେ । ଇରାନ୍‌ରୁ ଭାରତ ତୈଳ ଆମଦାନୀ କରିବା ପାଇଁ ଭାରତକୁ ବହୁ ସୁବିଧା ସୁଯୋଗ ଦେଇଛି । ଏପରିକି ଡଲାର ବାଦ୍ ଦେଇ ଭାରତୀୟ ମୁଦ୍ରାକୁ ଆପଣାଇନେଇଛି ଇରାନ୍ । କିନ୍ତୁ ଏବେ ଟ୍ରମ୍ପଙ୍କ ଏହି ଚେତାବନୀ ପରେ ଇରାନ୍‌ରୁ ଭାରତ ତୈଳ ଆମଦାନୀ କରିବା ସହଜ ହେବନାହିଁ । କେନ୍ଦ୍ର ପେଟ୍ରୋଲିୟମ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବି ସଂସଦରେ କହିସାରିଛନ୍ତି କି ଭାରତର ସରକାରୀ ତୈଳ କମ୍ପାନୀମାନେ ଗତ ଏପ୍ରିଲ୍‌ରୁ ଜୁନ୍ ମଧ୍ୟରେ ସାଉଦିଆରବ ତୁଳନାରେ ଇରାନ୍‌ରୁ ଅଧିକ ତୈଳ ଆମଦାନୀ କରିଛନ୍ତି । ପରନ୍ତୁ ଇରାକ୍ ଏହି ମାମଲାରେ ପ୍ରଥମେ ରହିଛି ।

## ଦେଶ ବିରୋଧି ଥିଲେ ପୁଅକୁ ଫାଶୀ ମିଳୁ : ମୀର ଅଇନୁଦ୍ଦିନ



କେନ୍ଦ୍ରାପଡ଼ା,୭।୮(ସକାଳଖବର): ଜିଲ୍ଲାର ପାଟକୁରା ଥାନା ଅନ୍ତର୍ଗତ ତେଣ୍ଡାକୋଡ଼ା ମୀରମହଲା ଗ୍ରାମର ହରିବୁର ରହେମାନ ଆତଙ୍କବାଦୀ କାର୍ଯ୍ୟରେ ଲିପ୍ତ ନେଇ ଏନ୍.ଆଇ.ଏ. ଗିରଫ କରିବା ପରେ ତା'ର ବାପା ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ, ଏ ଦେଶ ଆମର ଯଦି ମୋ ପୁଅ ହରିବୁର ରହେମାନ ଦେଶ ବିରୋଧି କାର୍ଯ୍ୟ କରିଛି, ତାହା ହେଲେ ତାକୁ ଫାଶୀ ଖୁଂଟରେ ଝୁଲାଇ ଦିଅ। ମଙ୍ଗଳବାର ୮୧ବର୍ଷ ବୟସ୍କ ବୃଦ୍ଧ ବାପା ମୀର୍ ଅଇନୁଦ୍ଦିନଙ୍କୁ ପୁଅ ହବିବୁର ବିଷୟରେ ପଚାରିବାରୁ ସେ ଦୁଃଖ ପ୍ରକାଶ କରି ଏହି ପ୍ରତିକ୍ରିୟା ରଖିଥିଲେ ଯେ, ମୋର ୬ ଝିଅ ଓ ୩ ପୁଅ ମଧ୍ୟରୁ ହବିବୁର ବଡ଼ ପୁଅ। ୨୦୦୪ ମସିହାରେ ହଜ କରିବା ପାଇଁ ସାଉଦୀ ଆରବ ଯାଇଥିବାବେଳେ ମକାଠାରେ ତା'ର ଦେଖା ହୋଇଥିଲା। ସେ ଦ୍ୱିତୀୟ ବିବାହ କରିଥିବା ନେଇ ମୁଁ ଜାଣିବା ପରେ ବିରକ୍ତ ପ୍ରକାଶ କରିଥିଲି ଏବଂ ଘରକୁ ଆସିବା ପାଇଁ କହିଥିଲି। ତା'ର ସାନଭାଇ ବାହାଘର ୨୦୦୬ ମସିହାରେ ହେଲାବେଳେ ସେହି ସମୟରେ ସେ ଥରେ ମାତ୍ର ଘରକୁ ଆସିଥିଲା। ତା ପର ଠାରୁ ସେ ଘରକୁ ଆସୁନାହିଁ। ମୁଁ ଦୀର୍ଘ ୩୪ ବର୍ଷ ଟେଲକୋ କମ୍ପାନୀରେ ଚାକିରି କରିବା ପରେ ଅବସର ନେଇଛି। ମୋ ଆଉ ୨ ପୁଅ ଅତାଉର ରହେମାନ ଯିଏ କି ସାଉଦୀ ଆରବରେ ଥିଲେ ଏବେ ସେ ଗାଁରେ ଡ୍ରାଇଭର ଭାବେ କାର୍ଯ୍ୟକରୁଛି। ସାନପୁଅ ଜିଆଉର ରହେମାନ ଯିଏକି ବର୍ତମାନ ରିୟାଦରେ କାର୍ଯ୍ୟରତ। ଗତ ୮ମାସ ତଳେ ଏନ୍.ଆଇ.ଏ ଟିମ୍ ପାଟକୁରା ଥାନାକୁ ଆସି ମୋ ପରିବାର (ପୃଷ୍ଠା-୭)